# ସାଲେପୁର ମହାବିଦ୍ୟାଳୟ ଇଂରାଜୀ ବିଭାଗ ପକ୍ଷରୁ ଆଲୋଚନା

ସାଲେପୁର, ୩୦।୧ (ନି.ପ୍ର.): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂରାଜୀ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଉଦଳା କଲେଜର ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡଃ ଯତିନ୍ କୁମାର ମହାକୁଡ଼ ଯୋଗଦେଇ 'ଇଣ୍ଡିଆନ୍ ଫେମିନିଜିମ୍ ଉଇଥ୍ ସ୍ପେସିଆଲ୍ ରିଫରେନ୍ସ ଟୁ ଆଶାପୂର୍ଣ୍ଣା ଦେବୀ ଡିଷ୍ଟାଣ୍ଟ ଉଇଣ୍ଡୋ' ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଇଂରାଜୀ ବିଭାଗର ମୁଖ୍ୟ ପ୍ରଫୁଲ୍ଲ କୁମାର ସାହୁଙ୍କ ଅଧ୍ୟକ୍ଷତାରେ କଲେଜର ଅଧ୍ୟକ୍ଷ ଡଃ ସଙ୍ଗୀତା ମିଶ୍ର ଓ ପ୍ରଶାସନିକ ଅଧିକାରୀ ଡଃ ପ୍ରସନ୍ନ କୁମାର ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ସେକ୍ ଅବ୍ରାର୍ ଅହମ୍ମଦ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସରୋଜ କୁମାର ବେହେରା, ଅଧ୍ୟାପକ ମଣ୍ଟନ୍ କୁମାର ବେହେରା, ଅଧ୍ୟାପିକା ସ୍ୱାତୀ ତନୟା ଆଚାରୀ, ଆର୍ଯ୍ୟାପୁତ୍ରୀ ସ୍ଥିତିପ୍ରଜ୍ଞା, ପ୍ରଭାସିନୀ ଲେଙ୍କା, ଅଧ୍ୟାପିକା ପାୟସ୍ୱତୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

